بسم الله الرحمٰن الرحيم

খুতবা জুমা ০৮ ফেব্রুয়ারী ২০১৯র সারাংশ

ସ୍ଥାନ- ମସଜିଦ୍ ବୟତୁଲ୍ ଫୁତୁହ୍,ମର୍ଡନ୍ ଲଣ୍ଡନ

# ଆଁହଜ଼ରତ୍ ସ.ଅଙ୍କ ସର୍ବୋଚ୍ଚ ତଥା ପଦମର୍ଯ୍ୟାଦା ସଂପନ୍ନ ବଦରୀ ସାହାବାମାନଙ୍କର ବିଶ୍ୱାସବର୍ଦ୍ଧକ, ହୃଦୟଦ୍ରାବୀ ଓ ମନୁସ୍ପ୍ରକର ଚର୍ଚ୍ଚା ।

ତଶହୁଦ୍, ତଉଜ୍ ଏବଂ ସୁରେ ଫାତିହାର ଆବୃତ୍ତି ପରେ ହୁଜୁର ଅନୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ କହିଲେ : ଆଜି ଯେଉଁ ସାହାବାମାନଙ୍କର ମୁଁ ଚର୍ଚ୍ଚା କରିବି ତନ୍ମଧ୍ୟରୁ ପ୍ରଥମ ସାହାବି ଯାହାଙ୍କ ନାମ ହେଲା ହଜ଼ରତ୍ ଅବୁ ମଲିଲ୍ ବିନ୍ ଅଜ଼ରଅ ର.ଅ । ସେ ଔସର ବନୁ ଅନସାର ସଂପ୍ରଦାୟଭୁକ୍ତ ଥିଲେ । ତାଙ୍କୁ ବଦର୍ ଏବଂ ଓହୋଦ୍ ଯୁଦ୍ଧରେ ଅଂଶ ଗ୍ରହଣ କରିବାର ସୌଭାଗ୍ୟ ଅର୍ଜନ ହୋଇଥିଲା।

ଅନ୍ୟଜଣେ ସାହାବି ହେଉଛନ୍ତି ହଜ଼ରତ୍ ଅନସ୍ ବିନ୍ ମୁଆଜ୍ ଅନସାରୀ ର.ଅ । ସେ ବନୁ ନଜ୍ଜାର୍ ଶାଖାର ଖଜ଼ରଜ୍ ସଂପ୍ରଦାୟଭୁକ୍ତ ଥିଲେ । ସେ୍ ବଦର୍ ଏବଂ ଓହୋଦ୍ ଯୁଦ୍ଧ ସମେତ ଅନ୍ୟ ସମସ୍ତ ଯୁଦ୍ଧରେ ରସୁଲୁଲ୍ଲାଃ ସ.ଅଙ୍କ ସହିତ ଶାମିଲ୍ ଥିଲେ ଏବଂ ବେ'ଏରେ ମଉନା ଠାରେ ବୀର ଗତି ପ୍ରାପ୍ତ କରିଥିଲେ ।

ପରବର୍ତ୍ତୀ ଯେଉଁ ସାହାବିଙ୍କର ଚର୍ଚ୍ଚା ହେବ ସେ ହେଉଛନ୍ତି ହଜ଼ରତ୍ ଅବୁ ଶୈଖ୍ ଉବୈ ବିନ୍ ସାବିତ୍ ର.ଅ । ସେ ବନୁ ଅଦି ଶାଖା ଅନ୍ତର୍ଗତ ଖଜ଼ରଜ୍ ସଂପ୍ରଦାୟଭୁକ୍ତ ଥିଲେ । ଉବୈ ବିନ୍ ସାବିତ୍ ର.ଅ ହଜ଼ରତ୍ ହସ୍ସାନ୍ ବିନ୍ ସାବିତ୍ ଏବଂ ହଜ଼ରତ୍ ଔସ୍ ବିନ୍ ସାବିତଙ୍କର ଭ୍ରାତା ଥିଲେ । ସେ ବଦର୍ ଏବଂ ଓହୋଦ୍ ଯୁଦ୍ଧରେ ଶାମିଲ୍ ହୋଇଥିଲେ ଏବଂ ତାଙ୍କର ଦେହାନ୍ତ ବେ'ଏରେ ମଉନାର ଘଟଣା ଦିନ ହୋଇଥିଲା ।

ପରବର୍ତ୍ତୀ ଚର୍ଚ୍ଚା ହଜ଼ରତ୍ ଅବୁ ବୁରଦାହ୍ ବିନ୍ ନିୟାର୍ ର.ଅଙ୍କ ଅଟେ । ସେ ତାଙ୍କର ସାଙ୍ଖା ଅବୁ ବୁରଦାହ୍ ନାମରେ ପ୍ରସିଦ୍ଧ ଥିଲେ । ତାଙ୍କ ନାମ ହାନି ଥିଲା । ହଜ଼ରତ୍ ଅବୁ ବୁରଦାହ୍ ର.ଅ ବରାଅ ବିନ୍ ଆଜ଼ିବ୍ ର.ଅଙ୍କର ମାମୁଁ ଥିଲେ । ସେ ବୈଅତେ ଅକ଼ବା ସାନିୟାରେ ଶାମିଲ୍ ହୋଇଥିଲେ । ଏହା ବ୍ୟତୀତ ବଦର୍, ଓହୋଦ୍, ଖନ୍ଦକ୍ ଯୁଦ୍ଧ ସମେତ ଅନ୍ୟ ସମସ୍ତ ଯୁଦ୍ଧରେ ସେ ହୁଜୁରେ ସ.ଅଙ୍କ ସହିତ ଶାମିଲ୍ ଥିଲେ । ମକ୍କା ବିଜୟ ଦିନ ବନୁ ହାରିସାର ଧ୍ୱଜା ହଜ଼ରତ୍ ଅବୁ ବୁରଦାହ୍ ର.ଅଙ୍କ ପାଖରେ ଥିଲା । ହଜ଼ରତ୍ ଅବୁ ଅବସ୍ ର.ଅ ଏବଂ ହଜ଼ରତ୍ ଅବୁ ବୁରଦାହ୍ ର.ଅ ଯେତେବେଳେ ଇସଲାମ୍ ଧର୍ମ ଗ୍ରହଣ କରିଥିଲେ ସେତେବେଳେ ଏ ଦୁହେଁ ବନୁ ହାରିସାର ମୂର୍ତ୍ତିଗୁଡ଼ିକୁ ଭାଙ୍ଗି ଦେଇଥିଲେ । ହଜ଼ରତ୍ ଅବୁ ଅମାମା ର.ଅଙ୍କ ଠାରୁ ବର୍ଣ୍ଣନା କରଯାଏ ଯେ, ଯେତେବେଳେ ରସୁଲୁଲ୍ଲାଃ ସ.ଅ ବଦର୍ ଯୁଦ୍ଧ ପାଇଁ ବଦର୍ ଅଭିମୁଖେ ଯିବାକୁ ଇଚ୍ଛା ପ୍ରକାଶ କଲେ ସେତେବେଳେ ହଜ଼ରତ୍ ଅବୁ ଅମାମା ମଧ୍ୟ ଆଁହଜ଼ରତ୍ ସ.ଅଙ୍କ ସହିତ ଯିବାପାଇଁ ପ୍ରସ୍ତୁତ ହୋଇଗଲେ । ଏହା ଦେଖି ତାଙ୍କ ମାମୁଁ ହଜ଼ରତ୍ ଅବୁ ବୁରଦାହ୍ ବିନ୍ ନିୟାର୍ ର.ଅ କହିଲେ ଯେ, ତୁମେ ନିଜ ମାତାଙ୍କ ସେବା କରିବା ନିମନ୍ତେ ରହିଯାଅ । ସେତେବେଳେ ତାଙ୍କ ମାତା ଅସୁସ୍ଥ ଥିଲେ । ହଜ଼ରତ୍ ଅବୁ ଅମାମା ର.ଅ କହିଲେ ଯେ, ସେ ଆପଣଙ୍କର ମଧ୍ୟ ଭଉଣୀ ଅଟନ୍ତି ତେଣୁ ଆପଣ ରହି ଯାଆନ୍ତୁ । ଯେତେବେଳେ ଏହି ଘଟଣାଟି ହୁଜୁର୍ ସ.ଅଙ୍କ ସମ୍ମୁଖରେ ଚର୍ଚ୍ଚା କରାଗଲା ସେତେବେଳେ ଆଁହଜ଼ରତ୍ ସ.ଅ ହଜ଼ରତ୍ ଅବୁ ଅମାମା ର.ଅଙ୍କୁ ରହିଯିବା ପାଇଁ ଆଦେଶ ଦେଲେ ଅର୍ଥାତ୍ ପୁତ୍ରକୁ ଏବଂ ହଜ଼ରତ୍ ଅବୁ ବୁରଦାହ୍ ର.ଅ ସୈନ୍ୟଦଳ

ସାଥିରେ ଗଲେ । ଯେତେବେଳେ ରସୁଲୁଲ୍ଲାଃ ସ.ଅ ଯୁଦ୍ଧରୁ ଫେରିଲେ ସେତେବେଳେ ହଜ଼ରତ୍ ଅବୁ ଅମାମାଙ୍କ ମାତାଙ୍କ ବିୟୋଗ ହୋଇସାରିଥିଲା । ରସୁଲୁଲ୍ଲାଃ ସ.ଅ ତାଙ୍କ ମାତାଙ୍କର ନମାଜ଼େ ଜନାଜ଼ାଃ ପଢେଇଲେ ।

ଓହୋଦ୍ ଯୁଦ୍ଧ ଦିନ ମୁସଲମାନମାନଙ୍କ ପାଖରେ କେବଳ ଦୁଇଟି ଅଶ୍ୱ ଥିଲା । ଗୋଟିଏ ଘୋଡ଼ା ରସୁଲୁଲ୍ଲାଃ ସ.ଙ୍କ ପାଖରେ ଥିଲା ଏବଂ ଅନ୍ୟଟି ହଜ଼ରତ୍ ଅବୁ ବୁରଦାହ୍ ର.ଅଙ୍କ ପାଖରେ, ଯାହାର ନାମ ମୁଲାଫେ ଥିଲା । ହଜ଼ରତ୍ ଅବୁ ବୁରଦାହ୍ ର.ଅ ହଜ଼ରତ୍ ଅଲୀ ର.ଅଙ୍କ ସହିତ ସମସ୍ତ ଯୁଦ୍ଧରେ ଶାମିଲ୍ ଥିଲେ । ତାଙ୍କର ମୃତ୍ୟୁ ହଜ଼ରତ୍ ମୁଆୱିଆଙ୍କର ଶାସନକାଳର ପ୍ରାରମ୍ଭରେ ହୋଇଥିଲା । ହଜ଼ରତ୍ ବରାଅ ବିନ୍ ଆଜ଼ିବଙ୍କ ଠାରୁ ବର୍ଣ୍ଣନା କରଯାଏ ଯେ, ରସୁଲୁଲ୍ଲାଃ ସ.ଅ ଇଦୁଲ୍ ଅଜ଼ିହା ଦିନ ନମାଜ୍ ପରେ ଆମମାନଙ୍କୁ ସମ୍ବୋଦ୍ଧିତ କରି କହିଲେ ଯେ, ଯିଏ ଆମମାନଙ୍କ ପରି ନମାଜ୍ ପ଼ଢେ ଏବଂ ଆମମାନଙ୍କ କୁର୍ବାନି (ପଶୁ ବଳି) ପରି କୁର୍ବାନି କରେ  ଏବଂ ସଠିକ୍ କୁର୍ବାନି କରେ ଏବଂ ଯିଏ ନମାଜ୍ ପୂର୍ବରୁ କୁର୍ବାନି କରିନିଏ ତେବେ ସେହି ବ୍ୟକ୍ତିର କୁର୍ବାନି କେବଳ ସେହି ଛେଳିର ମାଂସ ପ୍ରାପ୍ତି ପାଇଁ  ହୋଇଥାଏ, ଅର୍ଥାତ୍ ସେହି ବ୍ୟକ୍ତିର କୁର୍ବାନି ଗ୍ରହଣୀୟ ନୁହେଁ । ପ୍ରତ୍ୟୁତ୍ତରରେ ଅବୁ ବୁରଦାହ୍ ବିନ୍ ନିୟାର୍ ର.ଅ ଛିଡ଼ା ହେଲେ ଏବଂ କହିଲେ ହେ ରସୁଲୁଲ୍ଲାଃ ସ.ଅ ! ମୁଁ ତ' ନମାଜ଼ ପାଇଁ ବାହାରିବା ପୂର୍ବରୁ ହିଁ କୁର୍ବାନି କରିଦେଇଅଛି ଏବଂ ମୁଁ ଏହା ଭାବୁଥିଲି ଯେ, ଆଜିର ସଦ୍ୟତମ ଦିବସଟି କେବଳ ଖିଆପିଆର ହିଁ ଦିବସ ଅଟେ । ସେଇଥିପାଇଁ ମୁଁ ଶୀଘ୍ର କଲି ଏବଂ ନିଜେ ଖାଇଲି ଓ ନିଜର ପରିବାର ତଥା ପଡୋଶୀମାନଙ୍କୁ ମଧ୍ୟ ଖୁଆଇଲି । ରସୁଲୁଲ୍ଲାଃ ସ.ଅ କହିଲେ ଏହି ଛେଳିଟି କେବଳ ମାଂସ ପାଇଁ ହିଁ ଜେବାହ୍ ହୋଇଛି । ଏହା ତୁମର କୁର୍ବାନି ନୁହେଁ । ପ୍ରତ୍ୟୁତ୍ତରରେ ହୁଜ଼ରତ୍ ଅବୁ ବୁରଦାହ୍  ର.ଅ କହିଲେ ଯେ, ମୋ ପାଖରେ ଗୋଟିଏ ବର୍ଷର ଯୁବ ପଶୁ ଅର୍ଥାତ୍ ଛେଳିର ମାଇ ଛୁଆମାନେ ରହିଛନ୍ତି ଏବଂ ସେହି ଦୁଇଟି ମାଇ ଛେଳି ଛୁଆ ବେଶ୍ ବଳିଷ୍ଠ ଓ ଅର୍ଥାତ୍ ହୃଷ୍ଟପୁଷ୍ଟ ଅଟନ୍ତି । ଏହିପରି ମନେ ହେଉଛନ୍ତି ଯେପରିକି ସେମାନେ ଗୋଟିଏ ବର୍ଷର ଛେଳି । କିନ୍ତୁ ସେମାନେ ଦୁଇଟି ଛେଳିଙ୍କ ଠାରୁ ଅପେକ୍ଷାକୃତ ହୃଷ୍ଟପୁଷ୍ଟ ଅଟନ୍ତି । ଯଦି ମୁଁ ସେହି ଦୁଇ ଛେଳି ଛୁଆକୁ କୁର୍ବାନି କରିଦିଏ ତେବେ ଏହା ମୋ ତରଫରୁ କ'ଣ ଯଥେଷ୍ଟ ହେବ କି ? ଆଁହଜ଼ରତ୍ ସ.ଅ କହିଲେ ଯେ, ହଁ କରିଦିଅ । କିନ୍ତୁ ତୁମ ପରେ ଆଉ କାହାପାଇଁ ଏମିତି କରିବା ପ୍ରଯୁଜ୍ୟ ହେବ ନାହିଁ । ଅର୍ଥାତ୍ ଏହି ଅନୁମତି କେବଳ ତୁମପାଇଁ ହିଁ ପ୍ରଯୁଜ୍ୟ ଅଟେ ।

ହୁଜୁରେ ଅନୱର୍ କହିଲେ ଯେ, ପୁନଶ୍ଚ ଆଉ ଜଣେ ସାହାବି ହେଉଛନ୍ତି ହଜ଼ରତ୍ ଅସଦ୍ ବିନ୍ ୟଜ଼ିଦ୍ ର.ଅ । ସେ ଅନସାର ସଂପ୍ରଦାୟ ଅନ୍ତର୍ଗତ ଖଜ଼ରଜ୍ ଶାଖାର ବନୁ ଜ଼ରିକ୍ ସଂପ୍ରଦାୟଭୁକ୍ତ ଥିଲେ । ସେ ବଦର୍ ଏବଂ ଓହୋଦ୍ ଯୁଦ୍ଧରେ ରସୁଲୁଲ୍ଲାଃ ସ.ଅଙ୍କ ସହିତ ଶାମିଲ୍ ଥିଲେ । ପୁନଶ୍ଚ ଆଉ ଜଣେ ବଦରୀ ସେହାବି ହେଉଛନ୍ତି ହଜ଼ରତ୍ ତମିମ୍ ବିନ୍ ୟାର୍ ଅନସାରୀ ର.ଅ । ସେ ବଦର୍ ଏବଂ ଓହୋଦ୍ ଯୁଦ୍ଧରେ ରସୁଲୁଲ୍ଲାଃ ସ.ଅଙ୍କ ସହିତ ଶାମିଲ୍ ହୋଇଥିଲେ ।

ଆଉ ଜଣେ ସାହାବିଙ୍କର ଆଲୋଚନା ହେବ ସେ ହେଉଛନ୍ତି ହଜ଼ରତ୍ ଔସ୍ ବିନ୍ ସାବିତ୍ ବିନ୍ ମୁନଜ଼ର୍ ର.ଅ । ସେ ମଧ୍ୟ ଜଣେ ଅନସାରୀ ସାହିବି ଥିଲେ । ସେହି ସୁପ୍ରସିଦ୍ଧ ସାହାବି ହଜ଼ରତ୍ ଶଦ୍ଦାଦ୍ ବିନ୍ ଔସ୍ ର.ଅଙ୍କର ପିତା ଥିଲେ । ସେ ବୈଅତେ ଅକ଼ବା ସାନିୟାରେ ଶାମିଲ୍ ଥିଲେ । ସେ ବଦର୍, ଓହୋଦ୍ ଯୁଦ୍ଧରେ ହୁଜ଼ୁର୍ ସ.ଅଙ୍କ ସହିତ ଶାମିଲ୍ ହୋଇଥିଲେ । ହଜ଼ରତ୍ ହସ୍ସାନ୍ ବିନ୍ ସାବିତ୍ ର.ଅ ଯିଏକି ପ୍ରସିଦ୍ଧ କବି ଥିଲେ ଏବଂ ଉବୈ ବିନ୍ ସାବିତ୍ ତାଙ୍କର ଭାଇ ଥିଲେ । ସେ ଓହୋଦ୍ ଯୁଦ୍ଧରେ ବୀରଗତି ପ୍ରାପ୍ତ କରିଥିଲେ । ପୁନଶ୍ଚ ଆଉ ଜଣେ ସାହାବି ହେଉଛନ୍ତି ହଜ଼ରତ୍ ସାବିତ୍ ବିନ୍ ଖନସାଅ୍ ର.ଅ । ସେ ବନୁ ଗନମ୍ ବିନ୍ ଅଦିଇ ବିନ୍ ନଜ୍ଜାର ସଂପ୍ରଦାୟଭୁକ୍ତ ଥିଲେ । ତାଙ୍କୁ ବଦର୍ ଯୁଦ୍ଧରେ ଶାମିଲ୍ ହେବାର ସୌଭାଗ୍ୟ ଅର୍ଜନ ହୋଇଥିଲା । ତାଙ୍କ ସମ୍ବନ୍ଧରେ କେବଳ ଏତିକି ହିଁ ସୂଚନା ପ୍ରାପ୍ତ ହୋଇପାରିଛି ।

ଆଉ ଜଣେ ସାହାବି ହେଉଛନ୍ତି ହଜ଼ରତ୍ ଔସ୍ ବିନ୍ ଅସ୍-ସାମିତ୍ ର.ଅ । ସେ ହଜ଼ରତ୍ ଉବାଦାହ୍ ବିନ୍ ସାମିତ୍ ର.ଅଙ୍କର ଭ୍ରାତା ଥିଲେ । ହଜ଼ରତ୍ ଔସ୍ ବଦର୍, ଓହୋଦ୍ ଏବଂ ଅନ୍ୟ ସମସ୍ତ ଯୁଦ୍ଧରେ ହୁଜୁର୍ ସ.ଅଙ୍କ ସହ ଶାମିଲ୍ ହୋଇଥିଲେ । ହଜ଼ରତ୍ ଔସ୍ ବିନ୍ ସାମିତ୍ ଏବଂ ଶଦ୍ଦାଦ୍ ବିନ୍ ଔସ୍ ଅନସାରୀ ର.ଅ ବୈତୁଲ୍ ମକଦସ୍ ଠାରେ ନିବାସ ସ୍ଥାପନ କରିଥିଲେ । ତାଙ୍କର ମୃତ୍ୟୁ ଫିଲିସ୍ତିନ୍ ମାଟିର ରମଲା ନାମକ ଏକ ସ୍ଥାନରେ ୩୪ ହିଜରୀରେ ହୋଇଥିଲା । ସେତେବେଳେ ତାଙ୍କର ବୟସ ପ୍ରାୟ ୭୨ ବର୍ଷ ଥିଲା ।

ତା'ପରେ ଆଉ ଜଣେ ସାହାବିଙ୍କର ଆଲୋଚନା ହେବ, ତାଙ୍କ ନାମ ହେଲା ହଜ଼ରତ୍ ଅରକ଼ମ୍ ବିନ୍ ଅବି ଅରକ଼ମ୍ ର.ଅ । ସେ ବନୁ ମଖଜୁମମ୍ ସଂପ୍ରଦାୟଭୁକ୍ତ ଥିଲେ । ସେ ପ୍ରାଥମିକ ବିଶ୍ୱାସକାରୀଙ୍କ ଓ ଇସଲାମ୍ ଗ୍ରହଣକାରୀଙ୍କ ମଧ୍ୟରେ ଅନ୍ୟତମ ଥିଲେ । କେତେକଙ୍କ ନିକଟରେ ଯେତେବେଳେ ସେ ଇମାନ୍ ଆଣିଲେ ସେତେବେଳେ ତାଙ୍କ ପୂର୍ବରୁ ୧୧ ଜଣ ବ୍ୟକ୍ତି ଇସଲାମ୍ ଧର୍ମରେ ଦୀକ୍ଷିତ ହୋଇସାରିଥିଲେ । କେତେକ ବ୍ୟକ୍ତି କହନ୍ତି ଯେ, ସେ ସପ୍ତମ ସ୍ଥାନରେ ଇସଲାମ୍ ଧର୍ମ ଗ୍ରହଣ କରିଥିଲେ । ହଜ଼ରତ୍ ଉରୱତାହ୍ ବିନ୍ ଜୁବୈର୍ ର.ଅ ବର୍ଣ୍ଣନା କରନ୍ତି ଯେ, ହଜ଼ରତ୍ ଅରକ଼ମ୍, ହଜ଼ରତ୍ ଅବୁ ଉବୈଦାହ୍ ବିନ୍ ଅଲ୍ ଜର୍ରାହ୍ ଏବଂ ହଜ଼ରତ୍ ଉସମାନ୍ ବିନ୍ ମଜ଼ଉନ୍ ଏକତ୍ରଭାବେ ଓ ଏକ ସମୟରେ ହିଁ ବିଶ୍ୱାସ ଆଣିଥିଲେ । ହଜ଼ରତ୍ ଅରକ଼ମ୍ ର.ଅଙ୍କ ଗୋଟିଏ ଗୃହ ମକ୍କା ଠାରୁ ବହିର୍ଦେଶରେ, ସଫା ନାମକ ଗୁମ୍ଫା ନିକଟରେ ଅବସ୍ଥିତ ଥିଲା । ଯାହାକି ଇତିହାସରେ ଦାରେ ଅରକ଼ମ ନାମରେ ହିଁ ଖ୍ୟାତ । ଏହି ଗୃହରେ ରସୁଲୁଲ୍ଲାଃ ସ.ଅ ଏବଂ ଇସଲାମ ଧର୍ମଗ୍ରହଣକାରୀମାନେ ଉପାସନା କରୁଥିଲେ । ଏହିଠାରେ ହିଁ ହଜ଼ରତ୍ ଉମର୍ ର.ଅ ଇସଲାମ୍ ଧର୍ମ ଗ୍ରହଣ କରିଥିଲେ ।

ଦାରେ ଅରକ଼ମର ମହତ୍ତ୍ୱ ସଂପର୍କରେ ହୁଜୁରେ ଅନୱର୍ ଅ.ବ.ଅ କହିଲେ ଯେ, ଆଁହଜ଼ରତ୍ ସ.ଅଙ୍କ ମନରେ ଏହା ଚିନ୍ତାଧାରାଟି ଉଦ୍ରେକ ହେଲା ଯେ, ମକ୍କାରେ ଏକ ପ୍ରଚାରିକ କେନ୍ଦ୍ର ସ୍ଥାପନ କରାଯାଉ, ଯେଉଁଠାରେ ମୁସଲମାନମାନେ କୌଣସି ବାଧାବିଘ୍ନର ସମ୍ମୁଖୀନ ନହୋଇ ଏକତ୍ର ହୋଇ ନମାଜ଼୍ ପଢି ପାରିବେ ଏବଂ ଶାନ୍ତି ଓ ଧୈର୍ଯ୍ୟର ସହିତ ତଥା ନୀରବତାର ସହ ନିୟମିତ ଇସଲାମର ପ୍ରଚାର କରାଯାଇପାରିବ । ଏହି ଅଭିପ୍ରାୟ ପାଇଁ ହୁଜୁର୍ ସ.ଅ ଜଣେ ନବ ଇସଲାମ୍ ଧର୍ମାବଲମ୍ବୀ ହଜ଼ରତ୍ ଅରକ଼ମ୍ ର.ଅଙ୍କର ଗୃହକୁ ପସନ୍ଦ କରିଲେ ଯାହାକି ସଫା ଗୁମ୍ଫାର ବକ୍ଷରେ ଅବସ୍ଥିତ ଥିଲା । ଏହା ପରଠାରୁ ସମସ୍ତ ମୁସଲମାନମାନେ ଏହିଠାରେ ହିଁ ଏକତ୍ରିତ ହୋଇ ନମାଜ଼୍ ପଢୁଥିଲେ । ଏହି କାରଣରୁ ଏହି ଗୃହ ଇତିହାସରେ ଏକ ଗରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଆସିଛି ଏବଂ ଦାରୁଲ୍ ଇସଲାମ୍ ନାମରେ ବିଖ୍ୟାତ ।

ମଦିନାକୁ ପ୍ରବାସ କଲାପରେ ହୁଜୁର୍ ଅକରମ୍ ସ.ଅ ହଜ଼ରତ୍ ଅରକମ୍ ର.ଅ ଓ ହଜ଼ରତ୍ ଅବୁ ତଲହା ଜ୍ଜୈଦ୍ ବିନ୍ ସହଲ୍ ର.ଅଙ୍କ ମଧ୍ୟରେ ମୈତ୍ରିକ ସଂପର୍କ ସ୍ଥାପନ କରିଥିଲେ । ହଜ଼ରତ୍ ଅରକ଼ମ୍ ର.ଅ ବଦର୍, ଓହୋଦ୍ ଯୁଦ୍ଧ ସମେତ ଅନ୍ୟ ସମସ୍ତ ଯୁଦ୍ଧରେ ହୁଜୁର୍ ସ.ଅଙ୍କ ସହିତ ଶାମିଲ୍ ହୋଇଥିଲେ । ସେ ହିଲଫୁଲ୍ ଫୁଜୁଲର ଚୁକ୍ତିରେ ମଧ୍ୟ ଶାମିଲ୍ ହୋଇଥିଲେ । ତାଙ୍କର ଦେହାନ୍ତ ୫୩ ହିଜରୀରେ ହୋଇଥିଲା । ସେତେବେଳେ ତାଙ୍କୁ ୮୩ ବର୍ଷ ବୟସ ହୋଇଥିଲା । ହଜ଼ରତ୍ ଅରକ଼ମ୍ ର.ଅ ଏକ ଇଚ୍ଛାପତ୍ର କରିଥିଲେ ଯେ, ତାଙ୍କର ନମାଜ଼େ ଯନାଜ଼ାଃ ହଜ଼ରତ୍ ସାଆଦ୍ ବିନ୍ ଅବି ୱକ୍କାସ ପଢାନ୍ତୁ । ଯିଏକି ସେତେବେଳେ ଅକ଼ିକ଼୍ ନାମକ ସ୍ଥାନରେ ଅଧିଷ୍ଠିତ ଥିଲେ ଓ ସେଠିକାର ନିବାସୀ ଥିଲେ । ସୁତରାଂ ସାଆଦ୍ ବିନ୍ ଅବି ୱକ୍କାସଙ୍କ ଆସିବା ପରେ ହିଁ ହଜ଼ରତ୍ ଅରକ଼ମ୍ ର.ଅଙ୍କର ନମାଜ଼େ ଯନାଜ଼ାଃ ପଢା ଯାଇଥିଲା ଏବଂ ଜନ୍ନତୁଲ୍ ବକ଼ି ଠାରେ ତାଙ୍କୁ କବର ଦିଆଯାଇଥିଲା । ଏକଦା ହଜ଼ରତ୍ ଅରକ଼ମ୍ ର.ଅ ନମାଜ଼୍ ପଢିବା

ନିୟତ୍ ଅବସ୍ଥାରେ ଆଁହଜ଼ରତ୍ ସ.ଅଙ୍କ ଠାରୁ ବୈତୁଲ୍ ମକଦସ୍ ଯିବା ପାଇଁ ଅନୁମତି ଚାହିଁଲେ । ଆଁହଜ଼ରତ୍ ସ.ଅ କହିଲେ ମୋର ଏହି ମସଜିଦ୍ (ମଦିନାର ମସଜିଦରେ ନମାଜ଼ ପାଠ କରିବା)ର ଗୋଟିଏ ନମାଜ୍ ଅନ୍ୟ ସହସ୍ର ମସଜିଦର ନମାଜ୍ ପାଠ କରିବା ଠାରୁ ମଧ୍ୟ ଶ୍ରେୟସ୍କର ଅଟେ । ଏହା ଶୁଣି ସେ ନିଜର ଇଚ୍ଛାକୁ ପରିବର୍ତ୍ତନ କରି ଦେଇଥିଲେ ।

ଆଉ ଜଣେ ସାହାବି ହେଉଛନ୍ତି ହଜ଼ରତ୍ ବସ୍ ବସ୍ ବିନ ଅମ୍ର ର.ଅ । ସେ ବନୁ ସାଆଦାହ୍ ବିନ୍ କାଆବ୍ ବିନ୍ ଖଜ଼ରଜ୍ ସଂପ୍ରଦାୟଭୁକ୍ତ ଥିଲେ । ବଦର୍ ଯୁଦ୍ଧ ବ୍ୟତୀତ ସେ ଓହୋଦ୍ ଯୁଦ୍ଧରେ ମଧ୍ୟ ଶାମିଲ୍ ହୋଇଥିଲେ । ଆଁଜ଼ରତ୍ ସ.ଅ ହଜ଼ରତ୍ ବସ୍ ବସ୍ ଏବଂ ଅଦିଇ ବିନ୍ ଅଦିଇ ନାମକ ଦୁଇ ସାହିବିଙ୍କୁ ଶତ୍ରୁପକ୍ଷର ଗତିବିଧି ଉପରେ ନଜର ରଖିବା ଓ ତଥ୍ୟ ସଂଗ୍ରହ କରିବା ନିମନ୍ତେ ବଦର୍ ଆଡ଼କୁ ପ୍ରେରଣ କରିଥିଲେ ଏବଂ ଆଦେଶ ଦେଲେ ଯେ, ସେମାନେ ଯଥାଶୀଘ୍ର ସୂଚନା ଆଣି ଆଁହଜ଼ରତ୍ ସ.ଅଙ୍କୁ ପ୍ରଦାନ କରନ୍ତୁ । ହଜ଼ରତ୍ ବସ୍ ବସ୍ ଏବଂ ହଜ଼ରତ୍ ଅଦିଇ ବିନ୍ ଗୁବା ଦୁହେଁ ଯେତେବେଳେ ବଦର୍ ସ୍ଥାନରେ ପହଞ୍ଚିଲେ ସେତେବେଳେ ସେମାନେ ଏକ ସ୍ତୁପ ନିକଟରେ ନିଜର ଓଟକୁ ବସାଇ ନିଜର ଜଳ ଥଳୀ ନେଇ କୂପରୁ ପାଣି ଭରିଲେ ଏବଂ ଜଳପାନ କଲେ । ଏହି ସମୟରେ ସେମାନେ ଦୁଇଜଣ ମହିଳାଙ୍କୁ କଥା କହୁଥିବାର ଶୁଣିଲେ ଯେ, ସେମାନେ ଏକ ଅଜଣା ଦଳର ଆଗମନ ସଂପର୍କରେ କଥାବାର୍ତ୍ତା ହେଉଥିଲେ । ସେ ଯାହାହେଉ ସେହି ଦୁଇଜଣ ସାହାବିମାନେ ସେଠାରୁ ଫେରି ଆସିଲେ ଏବଂ ଆଁହଜ଼ରତ୍ ସ.ଅଙ୍କୁ ସେହି ଦୁଇ ମହିଳାଙ୍କ ସଂପର୍କରେ ସୂଚନା ଦେଲେ ଯେ, ସେହି ଦୁଇଜଣ ମହିଳାମାନେ ଏକ ଦଳର ଆଗମନ ବିଷୟରେ କଥାବାର୍ତ୍ତା ହେଉଥିଲେ ।

ଆଉ ଜଣେ ସାହାବି ହେଉଛନ୍ତି ହଜ଼ରତ୍ ସାଆଲବା ବିନ୍ ଅମ୍ର ଅନସାରୀ ର.ଅ । ସେ ବନୁ ନଜ୍ଜାର୍ ସଂପ୍ରଦାୟଭୁକ୍ତ ଥିଲେ । ତାଙ୍କ ମାତାଙ୍କ ନାମ କବଶା ଥିଲା ଯିଏକି ଜଣେ ସୁପ୍ରତିଷ୍ଠିତ କବି ହଜ଼ରତ୍ ହସ୍ସାନ୍ ବିନ୍ ସାବିତ୍ ର.ଅଙ୍କର ଭଉଣୀ ଥିଲେ । ହଜ଼ରତ୍ ସାଆଲବା ର.ଅ ବଦର୍ ଯୁଦ୍ଧ ସମେତ ଅନ୍ୟ ସମସ୍ତ ଯୁଦ୍ଧରେ ହୁଜୁର୍ ସ.ଅଙ୍କର ସହଯାତ୍ରୀ ଭାବେ ଶାମିଲ ହୋଇଥିଲେ । ସେ ସେହି ସାହାବାମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ଥିଲେ ଯେଉଁମାନେ ବନୁ ସଲମାର ପ୍ରତିମୂର୍ତ୍ତିମାନ ଖଣ୍ଡବିଖଣ୍ଡ କରି ଦେଇଥିଲେ । ତାଙ୍କର ଦେହାନ୍ତ ହଜ଼ରତ୍ ଉସମାନ୍ ର.ଅଙ୍କ ଖିଲାଫତ୍ ଶାସନ କାଳରେ ମଦିନା ଠାରେ ହୋଇଥିଲା ।

ଆଉ ଜଣେ ସାହାବି ଯାହାଙ୍କ ନାମ ହେଲା ହଜ଼ରତ୍ ସାଆଲବା ବିନ୍ ଗନମ୍ ର.ଅ । ତାଙ୍କ ମାତାଙ୍କ ନାମ ଜୁହୈରତା ବିନତ୍ କୈନ୍ ର.ଅ ଥିଲା । ସେ ଅନସାରର ବନୁ ସଲମା ସଂପ୍ରଦାଭୁକ୍ତ ଥିଲେ । ହଜ଼ରତ୍ ସାଆଲବା ର.ଅ ସେହି ୭୦ଜଣ ସାହାବିମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ଥିଲେ ଯିଏକି ବୈଅତେ ଅକ୍ବା ସାନିୟାରେ ଆଁହଜ଼ରତ୍ ସ.ଅଙ୍କ ପବିତ୍ର ହସ୍ତରେ ବୈଅତ୍ (ଦୀକ୍ଷା ଗ୍ରହଣ) କରିଥିଲେ । ସେ ବଦର୍, ଓହୋଦ୍ ଏବଂ ଖନ୍ଦକ୍ ଯୁଦ୍ଧରେ ଶାମିଲ୍ ହୋଇଥିଲେ । ଆଉ ଜଣେ ସାହାବି ଯାହାଙ୍କ ନାମ ହେଲା ହଜ଼ରତ୍ ଜାବିର୍ ବିନ୍ ଖାଲିଦ୍ ର.ଅ । ସେ ବନୁ ଦିନାର୍ ସଂପ୍ରଦାୟଭୁକ୍ତ ଥିଲେ । ହଜ଼ରତ୍ ଜାବିର୍ ବିନ୍ ଖାଲିଦ୍ ର.ଅ ବଦର୍ ଓ ଓହୋଦ୍ ଯୁଦ୍ଧରେ ଶାମିଲ୍ ହୋଇଥିଲେ । ପୁନଶ୍ଚ ଆଉଜଣେ ସାହାବି ହେଉଛନ୍ତି ହଜ଼ରତ୍ ହାରିସ୍ ବିନ୍ ନୁମାନ୍ ବିନ୍ ଉମୈୟା ଅନସାରୀ ର.ଅ । ସେ ଅନସାର୍ ଗୋଷ୍ଠୀର ଔସ୍ ସଂପ୍ରଦାୟଭୁକ୍ତ ଥିଲେ । ସେ ବଦର୍, ଓହୋଦ୍ ଯୁଦ୍ଧରେ ରସୁଲୁଲ୍ଲାଃ ସ.ଅଙ୍କ ସହିତ ଶାମିଲ୍ ହୋଇଥିଲେ ।

ପୁନଶ୍ଚ ଆଉ ଜଣେ ସାହାବି ହେଉଛନ୍ତି ହାରିସ୍ ବିନ୍ ଅନସ୍ ଅନସାରୀ ର.ଅ । ତାଙ୍କ ମାତାଙ୍କ ନାମ ଉମ୍ମେ ଶରିକ୍ ଥିଲା ଏବଂ ପିତାଙ୍କ ନାମ ଅନସ୍ ବିନ୍ ରାଫେ ଥିଲା । ସେ ଔସ୍ ଗୋଷ୍ଠୀର ବନୁ ଅବ୍ଦେ ଅଶହଲ୍ ଶାଖାଭୁକ୍ତ

ଥିଲେ । ସେ ବଦର୍ ଏବଂ ଓହୋଦ୍ ଯୁଦ୍ଧରେ ଶାମିଲ୍ ହୋଇଥିଲେ ଏବଂ ଓହୋଦ୍ ଯୁଦ୍ଧରେ ହିଁ ତାଙ୍କୁ ବୀରଗତି ପ୍ରାପ୍ତ ହୋଇଥିଲା । ଆଉ ଜଣେ ସାହାବି ହେଉଛନ୍ତି ହଜ଼ରତ୍ ହରିସ୍ ବିନ୍ ଜୈଦ୍ ଅନସାରୀ ର.ଅ ସେ ଖଜ଼ରଜ୍ (ସଂପ୍ରଦାୟର) ଗୋଷ୍ଠୀର ବନୁ ଜୈଦ୍ ଶାଖାଭୁକ୍ତ ଥିଲେ । ସେ ନିଜର ଭ୍ରାତା ଅବ୍ଦୁଲ୍ଲାଃଙ୍କ ସହିତ ବଦର୍ ଯୁଦ୍ଧରେ ଶାମିଲ୍ ହୋଇଥିଲେ, ଯାହାଙ୍କୁକି ଅଜ଼ାନ୍ (ପଙ୍କ୍ତି) ସଂପର୍କରେ  ଦିବ୍ୟ ସ୍ୱପ୍ନ ହୋଇଥିଲା । ସେ ଓହୋଦ୍ ଯୁଦ୍ଧରେ ମଧ୍ୟ ଶାମିଲ୍ ହୋଇଥିଲେ ।

ସେହିପରି ଆଉ ଜଣେ ସାହାବି ହେଉଛନ୍ତି  ହଜ଼ରତ୍ ହାରିସ୍ ବିନ୍ ଅସମା ର.ଅ । ସେ ଅନସାର୍ ଗୋଷ୍ଠୀର ବନୁ ନଜ୍ଜାର୍ ସଂପ୍ରଦାୟଭୁକ୍ତ ଥିଲେ ଏବଂ ବେ'ଏରେ ମଉନା ଦିନ ସେ ବୀରଗତି ପ୍ରାପ୍ତ କରିଥିଲେ । ଆଁହଜ଼ରତ୍ ସ.ଅ ହାରିସ୍ ଓ ହଜ଼ରତ୍ ସୁହୈବ୍ ବିନ୍ ସନାନ୍ ର.ଅଙ୍କ ମଧ୍ୟରେ ମୈତ୍ରିକ ସଂପର୍କ ସ୍ଥାପନ କରିଥିଲେ । ହଜ଼ରତ୍ ହାରିସ୍ ବିନ୍ ଅସମା ର.ଅ ବଦର୍ ଯୁଦ୍ଧ ଲଢିବା ପାଇଁ ରସୁଲୁଲ୍ଲାଃ ସ.ଅଙ୍କ ସହିତ ବାହାରିଥିଲେ । ଯେତେବେଳେ ସେ ଅର୍-ରୁହ୍ ନାମକ ସ୍ଥାନରେ ପହଞ୍ଚିଥିଲେ ସେତେବେଳେ ତାଙ୍କ ପକ୍ଷରେ ଆଉ ଅଧିକ ଯାତ୍ରା କରିବାକୁ ସାମର୍ଥ୍ୟ ନଥିଲା । ସୁତରାଂ ରସୁଲୁଲ୍ଲାଃ ସ.ଅ ତାଙ୍କୁ ମଦିନାକୁ ଫେରାଇ ଦେଇଥିଲେ । କିନ୍ତୁ ତାଙ୍କର ଉତ୍ସାହକୁ ଦେଖି ରସୁଲୁଲ୍ଲାଃ ସ.ଅ ତାଙ୍କୁ ବଦର୍ ଯୁଦ୍ଧରେ ଶାମିଲ୍ ହୋଇଥିବା ସାହାବାମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ କରାଇଥିଲେ । ସେ ଓହୋଦ୍ ଯୁଦ୍ଧରେ ଶାମିଲ୍ ହୋଇଥିଲେ । ସେହି ଓହୋଦ୍ ଯୁଦ୍ଧଦିନ ଯେତେବେଳେ ସମସ୍ତ ଲୋକମାନେ ବିକ୍ଷିପ୍ତ ହୋଇଯାଇଥିଲେ ସେତେବେଳେ ସେ ପଦଚ୍ୟୁତ ନହୋଇ ନିଜ ସ୍ଥାନରେ ଅଟଳ ରହିଥିଲେ ।

ହଜ଼ରତ୍ ହାରିସ୍ ବେ'ଏରେ ମଉନା ଘଟଣା ଦିନ ଶାମିଲ୍ ଥିଲେ । ଯେତେବେଳେ ଏହି ଘଟଣାଟି ଘଟିଲା ଏବଂ ସାହାବାମାନଙ୍କୁ ଶହିଦ୍ କରିଦିଆଯାଇଥିଲା ସେତେବେଳେ ସେ ହଜ଼ରତ୍ ହାରିସ୍ ବିନ୍ ଅମ୍ର ବିନ୍ ଉମୈୟା ଓଟକୁ ଚରାଇବା ପାଇଁ ଯାଇଥିଲେ । ଯେତେବେଳେ ସେ ଓଟ ଚରାଇ ନିଜର ଶିବିର ସ୍ଥାନକୁ ଫେରିଥିଲେ ସେତେବେଳେ ସେ ଏହା ଦେଖିବାକୁ ପାଇଲେ ଯେ, ସେଠାରେ ପକ୍ଷୀମାନେ ବସିଛନ୍ତି । ସୁତରାଂ ସେ ଏହା ଭାବିନେଲେ ଯେ, ତାଙ୍କ ସମସ୍ତ ସାଥୀମାନେ ଶହୀଦ୍ ହୋଇଯାଇଛନ୍ତି । ହଜ଼ରତ୍ ହାରିସ୍ ର.ଅ ହଜ଼ରତ୍ ଅମ୍ର ର.ଅଙ୍କୁ କହିଲେ ଯେ, ଆପଣଙ୍କର ଏ ଘଟଣା ସଂପର୍କରେ କ'ଣ ମତାମତ ରହିଛି ? ଅମ୍ର ର.ଅ ଉତ୍ତର ଦେଲେ ଯେ, ମୋ ମତରେ ଆମେ ରସୁଲୁଲ୍ଲାଃ ସ.ଅଙ୍କ ନିକଟକୁ ଯାଇ ଏ ଘଟଣା ସଂପର୍କରେ ହୁଜୁର୍ ସ.ଅଙ୍କୁ ସୂଚିତ କରିଦେବା ଉଚିତ୍ । ହଜ଼ରତ୍ ହାରିସ୍ କହିଲେ ଯେ, ମୁଁ ଏଠାରୁ ପଛଘୁଞ୍ଚା ଦେବି ନାହିଁ ଯେଉଁଠି ମୁନଜ଼ର୍ ର.ଅଙ୍କୁ ଶହୀଦ୍ କରାଯାଇଛି । ସୁତରାଂ ସେ ଲଢିବା ପାଇଁ ଆଗକୁ ବଢିଲେ ପରିଶେଷରେ ଲଢିଲଢି ସେ ବୀରଗତି ପ୍ରାପ୍ତ କରିଥିଲେ ।

ହଜ଼ରତ୍ ଅବଦୁଲ୍ଲାଃ ବିନ୍  ଅବି ବକର୍ ର.ଅ  ବର୍ଣ୍ଣନା କରନ୍ତି ଯେ, ହାରିସ୍ ର.ଅଙ୍କର ଶାହାଦତ୍ (ବୀରଗତି) ଶତ୍ରୁମାନଙ୍କ ପକ୍ଷରୁ ନିରନ୍ତର ଶର ଦ୍ୱାରା ଆକ୍ରମଣ ଯୋଗୁଁ ହୋଇଥିଲା । ଯାହାକି ତାଙ୍କ ଶରୀରକୁ ଶରବିଦ୍ଧ କରିପକାଇଥିଲା, ଯାହାଫଳରେ କି ଘଟଣା ସ୍ଥଳରେ ହିଁ ସେ ପ୍ରାଣ ତ୍ୟାଗ କରି ବୀରଗତି ପ୍ରାପ୍ତ କରିଥିଲେ ।

ଅଲ୍ଲାଃତାଲା ବୈକୁଣ୍ଠରେ ଉପରୋକ୍ତ ସମସ୍ତ ସାହାବାମାନଙ୍କର ସ୍ତରକୁ ଉନ୍ନୀତ କରନ୍ତୁ ।  (ଆମିନ୍)

**KHULASA KHUTBA JUMA HUZOOR ANWAR a.b.a**

.....................................................

**8th February 2019**

..................